ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/COVID-19(OD)/1001/21-09-2021

# ପ୍ରେସ୍ ବିବୃତି

ଭୁବନେଶ୍ୱର : ୨୦ ସେପ୍ଟେମ୍ବର , ୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓଡ଼ିଶାର ସଫଳ ସାମୂହିକ କୋଭିଡ୍-୧୯ ଟିକାକରଣ ଅଭିଯାନ ଆଉ ଏକ ମାଇଲ୍‌ଖୁଣ୍ଟ ହାସଲ କରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି । ଆମର ସ୍ୱାସ୍ଥ୍ୟକର୍ମୀଙ୍କ କଠିନ ପରିଶ୍ରମ ଓ ନିଷ୍ଠା ଯୋଗୁଁ ରାଜ୍ୟରେ ଗୋଟିଏ ଦିନରେ ୪ ଲକ୍ଷ ଲୋକଙ୍କ ଟିକାକରଣ ହୋଇପାରିଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ ଅଲଜେମର ଦିବସ ଅବସରରେ କହିଛନ୍ତି ଯେ ସାଧାରଣତଃ ବୟସ୍କ ଲୋକଙ୍କ ମଧ୍ୟରେ ଅପଙ୍ଗତା ଏବଂ ନିର୍ଭରଶୀଳତାର କାରଣ ହେଉଥିବା ଅଲଜେମର ଗୋଟିଏ ସ୍ନାୟୁଗତ ରୋଗ । ସଚେତନତା ସୃଷ୍ଟି ସହ ଏହି ରୋଗ ଭୋଗୁଥିବା ଲୋକଙ୍କୁ ସହାୟତା, ଭଲପାଇବା ଓ ଯତ୍ନ ଦେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ ଶାନ୍ତି ଦିବସ ଅବସରରେ କହିଛନ୍ତି ଯେ କୋଭିଡ୍-୧୯ ମହାମାରୀ ମାନବ ସଭ୍ୟତା ପାଇଁ ଭୀଷଣ କଷ୍ଟ ଏବଂ ଅକଥନୀୟ ଦୁଃଖର କାରଣ ପାଲଟିଛି । ଆମେ ମାନବସଭ୍ୟତାର ଏକ ସାଧାରଣ ଶତ୍ରୁର ସମ୍ମୁଖୀନ ହେଉଥିବାରୁ ପରସ୍ପରର ଯତ୍ନ ନେବା ପାଇଁ ଏବଂ ବିଧ୍ୱସ୍ତ ଜୀବନର ପୁନର୍ନିର୍ମାଣ ନିମନ୍ତେ ନିରନ୍ତର ଶାନ୍ତି ପାଇଁ କାର୍ଯ୍ୟ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଖାଦ୍ୟ ସୁରକ୍ଷା ମିଶନର ବୃହତ ସଫଳତା ଭାବେ ୨୦୨୦-୨୧ ପାଇଁ ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣର ଖାଦ୍ୟ ନିରାପତ୍ତା ସୂଚକାଙ୍କରେ ଓଡ଼ିଶା ବୃହତ ରାଜ୍ୟମାନଙ୍କ ମଧ୍ୟରେ ୨୦୧୯-୨୦ ବର୍ଷର ତ୍ରୟୋଦଶ ସ୍ଥାନରୁ ଊର୍ଦ୍ଧ୍ୱକୁ ଉଠି ଚତୁର୍ଥ ସ୍ଥାନ ହାସଲ କରିଛି । ଖାଦ୍ୟ ନିରାପତ୍ତାର ପାଞ୍ଚଟି ମାନଦଣ୍ଡକୁ ନେଇ ରାଜ୍ୟମାନଙ୍କର ସୂଚକାଙ୍କ ପ୍ରସ୍ତୁତ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି ।

## ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୧,୯୩,୭୬,୩୨୬ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୦,୨୧,୨୧୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୧୦,୦୭,୬୬୬ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୮,୧୪୬ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୫,୩୫୧ ରହିଛି ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ

‘ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ’